# Akashvani, Sambalpur

## SAMBALPURI NEWS EVENING BULLETIN

## 6 August 2026-7.02- 7.12 pm.

---

୧- ରାଷ୍ଟ୍ରପତି ଆଏବା କାଏଲ୍ ପ୍ରଦାନ୍ କର୍‌ବେ ଜାତୀୟ ହସ୍ତତନ୍ତ ପୁରସ୍କାର୍ ।

୨- ୨୩ ହଜାର୍ ୭ ଶହ ୩୧ କୋଟି ଟଙ୍କା ଖର୍ଚ୍ଚାଥି ଗୋବର୍ଦ୍ଧନ୍ ଯୋଜ୍‌ନାକେ କେନ୍ଦ୍ର କେବିନେଟ୍‌ର ମିଲ୍‌ଲା ଅନୁମୋଦନ୍ ।

୩- ଓଡ଼ିଶା ଦେଶର୍ ପ୍ରମୁଖ ଗନ୍ତବ୍ୟ ସ୍ଥଳ୍ ଭାବେ ଉଭା ହେଇଛେ- କହେଲେ ମୁଖ୍ୟମନ୍ତ୍ରୀ ।

- ନୂଆଦିଲ୍ଲୀ ଠାନେ ନିବେଶକ୍ ସମ୍ମିଳନୀଥି ହେବେ ସାମିଲ୍ ।

ଆଉର୍

୪- ପଢ଼ା ବହିଥି ଥିବା ଭୁଲ୍ ବାବ୍‌ଦେ ଭୁବନେଶ୍ୱର୍ ନ ହେଇଛେ ଜରୁରୀ ବୈଠକ୍ ।

ଜାତୀୟ ହସ୍ତତନ୍ତ ଦିବସ ଏକ୍ସ

ଦେଶର୍ ସମୃଦ୍ଧ ହସ୍ତତନ୍ତ ପରମ୍ପରା ଆଉ ବୁନ୍‌କର୍ ମାନ୍‌କର୍ ଅବଦାନ୍‌କେ ସମ୍ମାନ୍ ଜନେଇକରି ଆଏବା କାଏଲ୍ ସାରା ଦେଶେ ୧୨ ନମ୍ବର୍ ଜାତୀୟ ହସ୍ତତନ୍ତ ଦିବସ୍ ପାଲିତ୍ ହେବା । ଇ ଅବ୍‌ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨୦୨୫ ବଛର୍ ଲାଗି ୨୨ ଝନ୍ ଶ୍ରେଷ୍ଠ ବୁନାକାର୍‌ଙ୍କୁ ଜାତୀୟ ହସ୍ତତନ୍ତ ପୁରସ୍କାର୍ ସମ୍ମାନ୍‌ଥି ସମ୍ମାନିତ୍ କର୍‌ବେ । ଇ ଦିବସ୍ ହସ୍ତତନ୍ତ ଶିଳ୍ପକେ ପ୍ରୋତ୍ସାହନ୍ ଦେବାର୍ ସହେତେ ବୁଣାକାର୍ ସମ୍ପ୍ରଦାୟର୍ ଦକ୍ଷତା ଆଉ ସୃଜନ୍‌ଶୀଳତାକେ ସାରା ଦେଶେ ପ୍ରଚାର୍ କର୍‌ବାର୍ ଦିଗେ ଗୁଟେ ଜରୁରୀ ପଦକ୍ଷେପ୍ ଆଏ ।

ଗୋବର୍ଦ୍ଧନ୍ ଯୋଜ୍‌ନା-କେବିନେଟ୍ ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କେନ୍ଦ୍ର କେବିନେଟ୍ ବୈଠକ୍‌ଥି ୨୩ ହଜାର୍ ୭ ଶହ ୩୧ କୋଟି ଟଙ୍କା ଖର୍ଚ୍ଚାଥି ଗୋବର୍ଦ୍ଧନ୍ ଯୋଜ୍‌ନାକେ ଅନୁମୋଦନ୍ ହେଇଛେ । ଇ

ଯୋଜନାର୍ ୬ ଟା ଅଭିବୃଦ୍ଧି ଇଞ୍ଜିନ୍ ଦ୍ୱାରା ପରିଚାଳିତ୍ ହେବା । ଇ ଯୋଜନା ଜରିଏ ଦେଶେ କମ୍ପ୍ରେସ୍ଡ଼୍ ବାୟୋଗେସ୍ ଉତ୍ପାଦନ୍‌କେ ପାଖାପାଖି ୧୦ ଗୁନା ବଢ଼ାଯିବାର୍ ସହେତେ ଇ କ୍ଷେତ୍ରଥି ବହୁତ୍ ପରିମାଣ୍‌ର ଘରୋଇ ପୁଞ୍ଜିନିବେଶ୍ ଆକର୍ଷିତ୍ କରାଯିବାର୍ ଲକ୍ଷ୍ୟ ରଖାଯାଇଛେ ବଲି କେନ୍ଦ୍ର ସୂଚନା ଆଉ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ ।

(ଭଏସ୍ ଓଭର୍- ଅଶ୍ୱିନୀ ବୈଷ୍ଣବ୍)

ଯୋଶୀ- ସିଆଇଆଇ　　　　ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ନୂତନ ଆଉ ନବୀକରଣୀୟ ଶକ୍ତିମନ୍ତ୍ରୀ ପ୍ରହ୍ଲାଦ ଯୋଷୀ କହିଛନ୍, ଦେଶେ ପିଏମ୍ ସୂର୍ଯ୍ୟଘର୍ ମାହାଲିଆ ବିଜ୍‌ଲି ଯୋଜନା ଅଧୀନ୍‌ଥି ୫୦ ଲାଖ୍ ନୁ ଅଏତ୍‌କା ପରିବାର୍ ଲାଭ୍ ପାଇଛନ୍ । ନୂଆଦିଲ୍ଲୀ ଠାନେ ହେଇଥିବା ସି.ଆଇ.ଆଇ. ଆନ୍ତର୍ଜାତିକ୍ ଶକ୍ତି ସମ୍ମିଳନୀ ଆଉ ପ୍ରଦର୍ଶନୀ କାର୍ଯ୍ୟକ୍ରମ୍‌ଥି ଉଦ୍‌ବୋଧନ୍ ଦେଇକରି ମନ୍ତ୍ରୀ କହିଛନ୍, ଦେଶେ ଇହାଦେ ୧୯ ଲାଖ୍ ପରିବାର୍ ଶୂନ୍ ବିଜ୍‌ଲି ବିଲ୍ ସୁବିଧା ପାଉଛନ୍ । ଶ୍ରୀ

ଯୋଷୀ କହିଛନ୍, ଇ ଯୋଜ୍ନା ଅଧୀନ୍‌ଥି ୧୨ ଲାଖ୍ ନୁ ଅଏତ୍‌କା ପରିବାର୍ ଅଗ୍‌ଲିଲା ବିଜ୍‌ଲି ବିକି କରି ୪ ଶହ ୨୧ କୋଟି ଟଙ୍କା ପାଇଛନ୍ । ଆଏବା ୨୦୩୦ ମସିହାତକ୍ ଅଣ ଜୀବାସ୍ମ କ୍ଷେତ୍ରଥି ଦେଶ୍ ୫ ଶହ ଗିଗାୱାଟ୍ ଶକ୍ତି ହାସଲ୍ କର୍‌ବାର୍ ଲକ୍ଷ୍ୟଥି ଆଗ୍‌କେ ବଢୁଛେ । ଇ ଦିଗେ ନୂଆଁ ସୁଯୋଗ୍ ତିଆର୍ କର୍‌ବାର୍ ଲାଗି ସର୍‌କାର୍ ଶିଳ୍ପ ସଂସ୍ଥାମାନ୍‌କର୍ ସାଙ୍ଗେ ଆଲୋଚନା ଜରିଏ ସଫଲତା ହାସଲ୍ କର୍‌ବାର୍ ଲାଗି ପ୍ରତିବଦ୍ଧ ଆନ୍ ବଲି କେନ୍ଦ୍ରମନ୍ତ୍ରୀ କହିଛନ୍ ।

ବ୍ରିକ୍ସ ଶିକ୍ଷା ସମ୍ମିଳନୀ ଆଇ.ଆଣ୍ଡ୍.ପି.ଆର୍

ଭୁବନେଶ୍ୱର୍ ନ ଚାଲୁଥିବା ବ୍ରିକ୍ସ ଶିକ୍ଷା ସମ୍ମିଳନୀଥି ଯୋଗ୍ ଦେଇଥିବା ଚୀନ୍ ଆଉ ଇରାନ୍ ଦେଶର୍ ପ୍ରତିନିଧି ମଣ୍ଡଳୀ ଆଏଜ୍ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ବୁଲି ଦେଖିଛନ୍ । ସଂଗ୍ରହାଳୟର୍ ଅଧିକ୍ଷକ୍ ଡକ୍ଟର୍ ଭାରତୀ ପାଲ୍ ଅତିଥି ମାନ୍‌କୁ ସ୍ୱାଗତ୍ ଜନେଇକରି ଓଡ଼ିଶାର୍ ସମୃଦ୍ଧ ଇତିହାସ୍, ଐତିହ୍ୟ, ସ୍ଥାପତ୍ୟ, କଳା ଆଉ ସଂସ୍କୃତି ବାବ୍‌ଦେ ଜନେଇଥିଲେ ।

ପ୍ରତିନିଧିମାନେ ସଂଗ୍ରହାଳୟ ନ ଥିବା ପ୍ରତ୍ନତତ୍ୱ ତାଲ୍‌ପତ୍ର ପୋଥି, ଲିପିତତ୍ୱ, ମୁଦ୍ରା, ଅସ୍ତ୍ରଶସ୍ତ୍ର ଆଉ ଚାରୁ ଆଉ କାରୁକଳା ସବୁ ବୁଲି ଦେଖିଥିଲେ । ଇ ଅବ୍‌ସରେ ଚୀନ୍ ଆଉ ଇରାନ୍‌ର ପ୍ରତିନିଧି ମାନ୍‌କୁ ସଂଗ୍ରହାଳୟ ତର୍‌ଫୁ ଟାଇମ୍‌ଲେସ୍ ଟେଲ୍ ଶୀର୍ଷକ୍ ଗୁଟେ ବିବରଣୀ ବହି ଭିଲ୍ ଦିଆଯାଇଛେ ।

ରାସ୍ତା ତରା ସୁବିଧା କେନ୍ଦ୍ର ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟର୍ ଜାତୀୟ ରାଜ୍‌ପଥ ଏକ୍ସପ୍ରେସ୍ ୱେ, ରାଜ୍ୟ ରାଜ୍‌ପଥ୍ ଆଉ ଜିଲ୍ଲା ମୁଖ୍ୟ ସଡ଼କ୍ ନ ଯାତ୍ରୀ ଆଉ ଗାଡ଼ି ଚାଲକ୍ ମାନ୍‌କୁ ଉନ୍ନତ୍ ସୁବିଧା ଯୁଗେଇ ଦେବାର୍ ଲାଗି ଫି’ ୫୦ କିଲୋମିଟର୍ ଅନ୍ତର୍‌ଥି ରାସ୍ତା ତରା ସୁବିଧା କେନ୍ଦ୍ର ଥାପ୍‌ନା କରାଯିବାର୍‌କେ ନେଇକରି ଆଇନ୍ ଆଉ ପୂର୍ତମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍‌ଙ୍କର୍ ଅଧ୍ୟକ୍ଷତାଥି ଗୁଟେ ବୈଠକ୍ ହେଇଯାଇଛେ । ଇ କେନ୍ଦ୍ର ନ ପୁରୁଷ ଆଉ ମହିଳାମାନ୍‌କର୍ ଲାଗି ସ୍ୱତନ୍ତ୍ର ଶୌଚାଳୟ, ବିଶ୍ରାମ୍‌ଘର୍, ଫୁଡ୍‌କୋର୍ଟ, ଇ.ଭି. ଚାର୍ଜି ଷ୍ଟେସନ୍ ଆଉ ପେଟ୍ରୋଲ୍ ପମ୍ପ୍ ମାନ୍‌କର୍ ବାଗିର୍ ସୁବିଧା ରହେବା । ପହେଲା

ଖେପେ ରାଜ୍ୟ ସର୍‌କାର୍ ଆଉ ଭିନ୍ ଭିନ୍ ସର୍‌କାରୀ ତେଲ୍ କମ୍ପାନୀମାନ୍‌କର୍ ଭିତ୍‌ରେ ବୁଝାମଣା ପତ୍ର ସ୍ୱାକ୍ଷର୍ ହେବା । ଇଥି ରାଜ୍ୟ ସର୍‌କାର୍ ଜାଗା ଯୁଗେଇ ଦେବେ ଆଉ ତେଲ୍ କମ୍ପାନୀମାନେ ଇସବୁ କେନ୍ଦ୍ରର୍ ଦେଖ୍‌ରେଖ୍ ଦାୟିତ୍ୱଥି ରହେବେ ବଲି ବୈଠକ୍‌ନୁ ଜନାପଡ଼ିଛେ ।

ହର୍‌ଘର୍ ତ୍ରିରଙ୍ଗା ଆର୍‌ଏନ୍‌ୟୁ/ ସମ୍ବଲପୁର

ସ୍ୱାଧୀନତାର୍ ଅମୃତ୍ କାଲ୍‌ଥି ଫି’ ଭାରତୀୟଙ୍କର ମନେ ଦେଶ୍‌ପ୍ରେମ୍‌ର ଭାବ୍‌ନାକେ ଆହୁରି ବର୍‌କସ୍ କର୍‌ବାର୍ ଲକ୍ଷ୍ୟଥି କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ହର୍‌ଘର୍ ତ୍ରିରଙ୍ଗା ଅଭିଯାନ୍ ମୁଲ୍ ହେଇଛେ । ଇଟା ଖାଲି ଘରେ ଘରେ ଜାତୀୟ ପତାକା ଉଡ଼ାବାର୍ କାମ୍ ନୁହେଁସେ, ଦେଶର୍ ଏକ୍‌ତା, ଅଖଣ୍ଡତା ଆଉ ଗଣତାନ୍ତ୍ରିକ୍ ମୂଲ୍ୟବୋଧ୍ ଲାଗି ନାଗରିକ୍ ମାନ୍‌କର୍ ଅଙ୍ଗୀକାର୍ ବଦ୍ଧତାର୍ ପ୍ରତୀକ୍ ଆଏ । ଫି’ ବଛର୍ ସ୍ୱାଧୀନତା ଦିବସ୍‌କେ ନଜର୍‌ଥି ରଖିକରି ଇ ଅଭିଯାନ୍ ଜରିଏ ଦେଶ୍‌ବାସୀଙ୍କୁ ନିଜର୍ ଘର୍, କାର୍ଯ୍ୟାଳୟ ଆଉ ଭିନ୍ ଭିନ୍ ଅନୁଷ୍ଠାନ୍ ନ ଜାତୀୟ

ପତାକା ଉତୋଲନ୍ ଲାଗି ଆହ୍ୱାନ୍ ଦିଆଯାଏସି । ଇଟା ନୂଆଁ ପିଢ଼ିଙ୍କୁ ଜାତୀୟ ପତାକାର୍ ଗୌରବ୍, ସ୍ୱାଧୀନତା ସଂଗ୍ରାମ୍ର ଇତିହାସ୍ ଆଉ ସାମ୍ବିଧାନିକ୍ ମୂଲ୍ୟବୋଧ୍ ସଙ୍ଗେ ଜୁଡ଼୍ବାର୍ ଗୁଟେ ସଫଲ୍ ପ୍ରୟାସ୍ ଆଏ । ଆସୁନ୍ ଇ ସ୍ୱାଧୀନତା ଦିବସ୍ ଅବ୍ସରେ ସଭେ ହର୍ଘର୍ ତ୍ରିରଙ୍ଗା ଅଭିଯାନ୍ଥି ସାମିଲ୍ ହେଇକରି ଘରେ ଘରେ ତ୍ରିରଙ୍ଗା ଉଡ଼ାବାର୍ ସହେତେ ଦେଶ୍ପ୍ରେମ୍ ଆଉ ଜାତୀୟ ଗୌରବ୍ର ବାର୍ତାକେ ବର୍କସ୍ କର୍ମା ।

ହର୍ଘର୍ ତ୍ରିରଙ୍ଗା-ଦେବ୍ଗଡ            ଦେବ୍ଗଡ଼ ସମ୍ବାଦଦାତା

ଦେବ୍ଗଡ଼୍ ଜିଲ୍ଲାପାଲ୍ଙ୍କର୍ ବିକାଶ୍ ଭବନ୍ ସମ୍ମିଳନୀ କକ୍ଷ ନ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ହର୍ଘର୍ ତ୍ରିରଙ୍ଗା ବାବଦ୍ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଜିଲ୍ଲା ନ ଆଏବା ୧୦ ତାରିଖ୍ନୁ ଶିକ୍ଷାନୁଷ୍ଠାନ୍ ମାନ୍କେ ତ୍ରିରଙ୍ଗା ଉଡ଼ାବାର୍ ଆଉ ବନ୍ଦେ ମାତରମ୍ ଗାଏବାର୍, ଛାତ୍ରଛାତ୍ରୀମାନ୍କର୍ ଭିତ୍ରେ ଅନ୍ଲାଇନ୍ ଜଣାଅଜଣା

କାର୍ଯ୍ୟକ୍ରମ୍, ମୋଟର୍ ସାଇକଲ୍ ରେଲି, ତ୍ରିରଙ୍ଗା ରେଲି ତ୍ରିରଙ୍ଗା ଆଲୋକ୍ ସଜ୍ଜା, ରଙ୍ଗୋଲି ପ୍ରଦର୍ଶନୀ ବାଗିର୍ କାର୍ଯ୍ୟକ୍ରମ୍ ମାନ୍ କରାଯିବାର୍କେ ସ୍ଥିର୍ କରାଯାଇଛେ ।

ନିବେଶକ୍ ସମ୍ମିଲନୀ ଭୁବ୍ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ଠାନୁ ୩ ଦିନିଆ ଗସ୍ତଥି ନୂଆଦିଲ୍ଲୀ ଗସ୍ତଥି ଯାଇଛନ୍ । ମୁଖ୍ୟମନ୍ତ୍ରୀ ଆଏବାକାଏଲ୍ ଆଉ ଶନିବାର୍ ଦିନ ନୂଆଦିଲ୍ଲୀ ନ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ୍ ୨୦୨୬ ଆଉ ନିବେଶକ୍ ରୋଡ୍ସୋ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେବେ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ରାଏଜେ ନିବେଶ୍ ଲାଗି ଶିଳ୍ପପତିମାନ୍କର୍ ସାଙ୍ଗେ ଆଲୋଚନା କର୍ବେ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ମୁଖ୍ୟମନ୍ତ୍ରୀ କହିଛନ୍, ସୁଶାସନ୍, ନିର୍ଣ୍ଣାୟକ୍ ନିଷ୍ପତି ଆଉ ଅଭିବୃଦ୍ଧି ଲାଗି ଓଡ଼ିଶା ଦେଶର୍ ପ୍ରମୁଖ ନିବେଶ୍ ଗନ୍ତବ୍ୟସ୍ଥଲ୍ ଭାବେ ଉଭା ହେଇଛେ । ନୂଆଦିଲ୍ଲୀ ନ ଇ ନିବେଶକ୍ ସମ୍ମିଲନୀ ଖାଦ୍ୟ ପ୍ରକ୍ରିୟାକରଣ୍, ଆଲୁମିନିୟମ୍ ଆଉ ଇସ୍ପାତ୍ ବିଶୋଧନ୍, ଆଉ ବୟନଶିଳ୍ପ କ୍ଷେତ୍ରଥି ଓଡ଼ିଶା ନ

ନିବେଶ୍ ଲାଗି ଶିଳ୍ପପତିମାନ୍‌କର୍ ଧ୍ୟାନ କେନ୍ଦ୍ରିତ୍ କର୍‌ବା । ଇ ଅବ୍‌ସରେ ଭିନ୍ ଭିନ୍ ବୁଝାମଣା ପତ୍ର ସ୍ୱାକ୍ଷରିତ୍ ହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଯେନ୍‌ଟାକି ଗୁଣାତ୍ମକ୍ ନିଯୁକ୍ତି ସୁଯୋଗ୍ ଶିଳ୍ପ ଅଭିବୃଦ୍ଧି ଆଉ ଅନ୍ତର୍ଭୁକ୍ତୀମୂଲକ୍ ଆର୍ଥିକ୍ ଅଭିବୃଦ୍ଧିକେ ପ୍ରୋତ୍ସାହିତ୍ କରିକରି ଓଡ଼ିଶାର୍ ଥିତିକେ ଆହୁରି ମଜ୍‌ବୁତ୍ କର୍‌ବା ବଲି ଶ୍ରୀ ମାଝୀ ଆଶ୍ କରିଛନ୍ ।

ପଢ଼ାବହି ହି.ସ.

ଭୁବନେଶ୍ୱର୍ ନ ଥିବା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ନ ପଢ଼ାବହିଥି ଭୁଲ୍ ବାବଦ୍ ଜରୁରୀ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ସଂଶୋଧିତ୍ ପଢ଼ାବହି ପ୍ରସ୍ତୁତି ଆଉ ବାଂଟ୍‌ବାର୍ ଉପ୍‌ରେ ଜୋର୍ ଦେଇଛନ୍ । ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍, ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ସହେତେ ବହୁତ୍ ବରିଷ୍ଠ ଅଧିକାରୀମାନେ ଇଥି ଉପସ୍ଥିତ୍ ରହିକରି ସଂଶୋଧିତ୍ ପଢ଼ାବହି ପ୍ରସ୍ତୁତି ବାବ୍‌ଦେ

ଆଲୋଚନା କରିଛନ୍ । ଇହାଦେ ଭିନ୍ ଭିନ୍ ଶିକ୍ଷାବିତ୍ ଆଉ ବିଷୟ ବିଶେଷଜ୍ଞ ମାନ୍କର୍ ମତାମତ୍ ଆଧାର୍ଥି ପଢ଼ାବହି ମାନ୍କର୍ ସଂଶୋଧନ୍ କାମ୍ ଚାଲିଛେ ଆଉ ଖୋବ୍ ଜଲ୍ଦି ସଂଶୋଧିତ୍ ବହି ଛାତ୍ରଛାତ୍ରୀମାନ୍କୁ ବଂଟାଯିବା ବଲି ଗଣଶିକ୍ଷା ବିଭାଗ୍ ତର୍ଫୁ କୁହାଯାଇଛେ । ପଢ଼ାବହିଥି ଥିବା ଭୁଲ୍ ଘଟ୍ନାକେ ନେଇକରି କ୍ରାଇମ୍ ବ୍ରାଂଚ୍ ତର୍ଫୁ ଗିରଫ୍ ହେଇଥିବା ଶିକ୍ଷକ୍ ଆଉ ଶିକ୍ଷା ନିର୍ଦ୍ଦେଶାଳୟ ଆଉ ରାଜ୍ୟ ଶିକ୍ଷା ଗବେଷଣା ପରିଷଦ୍ର ଆଘର୍ ନିର୍ଦ୍ଦେଶକ୍ ମନୋଜ୍ କୁମାର୍ ପାଢ଼ୀଙ୍କୁ ସର୍ତମୂଲକ୍ ଜାମିନ୍ ଦିଆଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଗଲା ୧୪ ତାରିଖ୍ ଶ୍ରୀ ପାଢ଼ୀଙ୍କୁ ଗିରଫ୍ କରାଯାଇକରି କୋର୍ଟ ଚାଲାଣ୍ କରାଯାଇଥିଲା । ରାଏଜେ ୪୫ ହଜାର୍ ସର୍କାରୀ ଆଉ ସର୍କାରୀ ଅନୁଦାନ୍ ପ୍ରାପ୍ତ ବିଦ୍ୟାଳୟ ନ ପଢୁଥିବା ପାଖାପାଖି ୪୬ ଲାଖ୍ ଛାତ୍ରଛାତ୍ରୀଙ୍କୁ ଭୁଲ୍ ଥିବା ପଢ଼ା ବହି ବଂଟାଯାଇଥିଲା ।

ଓଜେଇଇ -ଅନ୍ଲାଇନ୍ ପଞ୍ଜିକରଣ୍ ଆର୍ଏନ୍ୟୁ/ ସମ୍ବଲପୁର

ନିଟ୍-ୟୁଜି -୨୦୨୬ ପରୀକ୍ଷାଥି ଉତୀର୍ଣ୍ଣ ହେଇଥିବା ଛାତ୍ରଛାତ୍ରୀମାନ୍କର୍ ଲାଗି ଆଏଜ୍ଠାନୁ ଓଜେଇଇ ତର୍ଫୁ ଅନ୍ଲାଇନ୍ ପଞ୍ଜିକରଣ୍ ଆଉ କାଉନ୍ସେଲିଂ ମୁଲ୍ ହେଇଛେ । ଛାତ୍ରଛାତ୍ରୀମାନେ କାଉନ୍ସେଲିଂର କାର୍ଯ୍ୟସୂଚୀ ଆଉ ଅଲ୍ଗା ସୂଚ୍ନା ଓଜେଇଇର ୱେବ୍ସାଇଟ୍ଥି ପାଇପାର୍ବେ ।

ୟୁକ୍ତ ଦୁଇ -ସ୍ୱଟ୍ ମେଧା ତାଲିକା ଆଇ.ଆଣ୍ଡ୍.ପି.ଆର୍

୨୦୨୬-୨୭ ଶିକ୍ଷା ବଛର୍ ଲାଗି ୟୁକ୍ତ ଦୁଇ ନାଁଲେଖାର ସ୍ୱଟ୍ ମେଧା ତାଲିକା ବାହାରିଛେ । ଇଥି ମୋଟ୍ ୨୫ ହଜାର୍ ୩ ଶହ ୩୨ ଝନ୍ ଛାତ୍ରଛାତ୍ରୀଙ୍କୁ ବଛାଯାଇଛେ । ବଛା ପ୍ରକ୍ରିୟା ଶେଷ୍ ବେଲ୍କେ ୮୭ ହଜାର୍ ୫ ଶହ ୪୯ ଝନ୍ ଛାତ୍ରଛାତ୍ରୀଙ୍କର୍ ଭିତ୍ରୁ ମୋଟ୍ ୪୬ ହଜାର୍ ୫ ଶହ ୭୦ ଝନ୍କୁ ବଛାଯାଇଛେ ।

ଦକ୍ଷତା ବିକାଶ୍ କାର୍ଯ୍ୟକ୍ରମ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟ ତର୍‌ଫୁ ଛାତ୍ରଛାତ୍ରୀମାନ୍‌କର୍ ନିଯୁକ୍ତି ଯୋଗ୍ୟତା ଆଉ ବୃତିଗତ ଦକ୍ଷତା ବଢ଼ାବାର୍ ଉଦ୍ଦେଶ୍ୟଥି ୮ ଦିନିଆ ନିଯୁକ୍ତି ଯୋଗ୍ୟତା ଆଉ ଦକ୍ଷତା ବିକାଶ୍ କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ କରାଯାଇଛେ । ପି.ଏମ୍. ଉଷା ଯୋଜ୍‌ନା-୨୦୨୬ ଅଧୀନ୍‌ଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ବିଶ୍ୱବିଦ୍ୟାଳୟର୍ ୯ ଟା ସ୍ନାତକୋତର୍ ବିଭାଗ୍‌ର ଶହେ ୪୦ ଝନ୍ ଛାତ୍ରଛାତ୍ରୀ ଭାଗ୍ ନେଇଛନ୍ । ୮ ଦିନ୍ ଧରିକରି ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ଛାତ୍ରଛାତ୍ରୀମାନ୍‌କୁ ଆପ୍‌ଟିଚ୍ୟୁଟ୍, ବାୟୋଡାଟା ପ୍ରସ୍ତୁତି, ଗ୍ରୁପ୍ ଡିସ୍‌କସନ୍, ନେତୃତ୍ୱ, ଦଳଗତ କାମ୍, ସମସ୍ୟାର୍ ସମାଧାନ୍ ବାଗିର୍ ଭିନ୍ ଭିନ୍ ବ୍ୟବହାରିକ୍ ପ୍ରଶିକ୍ଷଣ୍, ଆଉ ବିଶେଷଜ୍ଞ ମାର୍ଗଦର୍ଶନ୍ ଦିଆଯିବା ।

ସେବାକେନ୍ଦ୍ର ଉଦ୍‌ଘାଟିତ୍        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ପୁଲିସ୍ ପଡ଼ିଆଠାନେ ଆରକ୍ଷୀ ସେବାକେନ୍ଦ୍ରକେ ଆରକ୍ଷୀ ଅଧିକ୍ଷକ୍ ଅମ୍ରିତ୍ ପାଲ୍ ସିଂ ଉଦ୍‌ଘାଟନ୍ କରିଛନ୍ ।

ପୁଲିସ୍ ଆଉ ସାଧାରଣ୍ ଲୁକ୍କର୍ ଭିତ୍ରେ ଭଲ୍ ସମ୍ପର୍କ ଥାପ୍ନା କର୍ବାର୍ ଲକ୍ଷ୍ୟଥି ଇ କେନ୍ଦ୍ର ପ୍ରତିଷ୍ଠା କରାଯାଇଛେ ।

ଡେଙ୍ଗୁ, ମେଲେରିଆ ସଚେତନତା        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା କଂଟାମାଲ୍ ଠାନେ ଜୁନିଅର୍ ରେଡ଼କ୍ରସ୍ ତର୍ଫୁ ଡେଙ୍ଗୁ ଆଉ ମେଲେରିଆ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଡେଙ୍ଗୁ, ମେଲେରିଆ ନୁ ରକ୍ଷା ପାଏବାର୍ ଲାଗି କୁଲର୍, ଫୁଲ୍‌ଗମ୍ଲା ବାଗିର୍ ଜାଗାମାନ୍‌କେ ଜମୁଥିବା ପାଏନ୍‌କେ ସଫା କର୍ବାର୍, ଘର୍‌ଚାର୍‌ହିଆଡ଼୍ ସଫା ରଖିବାର୍, ମଶାରୀ ଲଗେଇକରି ଶୁଇବାର୍ ବାବ୍‌ଦେ ସଚେତନ୍ କରାଯାଇଥିଲା ।

ପାଣିପାଗ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ  ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛେ । ଇତାର୍ ପ୍ରଭାବ୍‌ଥି ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ ।

ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା ୧୧ ତାରିଖ୍ତକ୍ ବର୍ଷା ଲାଗି ରହେବା । ଆଏବା ୨୪ ଘଂଟା ଭିତ୍ରେ ବିଜ୍ଲି, ଘଡ଼୍ଘଡ଼ି ସାଙ୍ଗେ ବର୍ଷା ହେବା ବଲି ପାଖାପାଖ୍ି ସବୁ ଜିଲ୍ଲାକେ ସତର୍କ ସୂଚ୍ନା ଜାରି କରାଯାଇଛେ ।